
ଝଙ୍କାର
ପୂଜା ବିଶେଷାଙ୍କ-୨୦୧୬

# Jhankar

୬୯ତମ ବର୍ଷ
ସଂଖ୍ୟା-୬
ତୁଳ : ୧୪୨୫ ସାଲ
ସେପ୍ଟେମ୍ବର: ୨୦୧୭

Volume No. 69
Issue No.6
September-2017

ଯୋଗାଯୋଗ
ସଂପାଦକ,
'ଝଙ୍କାର'
ପ୍ରଜାତନ୍ତ୍ର ପରିସର
ଚାନ୍ଦିନୀଚୌକ
କଟକ-୭୫୩୦୦୨
Email: jhankarodia@gmail.com

Edited, Printed and Published by Sri Bhartruhari Mahtab, on behalf of Prajatantra Prachar Samity, Cuttack-753002. Printed and published at Prajatantra Press, Beharibagh, Chandinchouk, Cuttack-753002.

ପ୍ରତିଷ୍ଠାତା :
ଡକ୍ଟର ହରେକୃଷ୍ଣ ମହତାବ

ମୁଖ୍ୟ ସଂପାଦକ :
ଭର୍ତ୍ତୃହରି ମହତାବ

ସଂପାଦକ ମଣ୍ଡଳୀ :
ସରୋଜରଞ୍ଜନ ମହାନ୍ତି
ମହାଶ୍ୱେତା ମହତାବ
ବାବାଜୀଚରଣ ପଟ୍ଟନାୟକ
ତରୁଣ କୁମାର ସାହୁ

ମୂଲ୍ୟ : ୧୦୦ଟଙ୍କା

ଗଳ୍ପ ।।

ଲିଟରାରି ଫେଷ୍ଟିଭାଲ୍ ।। ଦୀପ୍ତିରଞ୍ଜନ ପଟ୍ଟନାୟକ ।। ୬୧୯
ଚନ୍ଦ୍ରାଲୋକ ।। ବିଷ୍ଣୁ ସାହୁ ।। ୬୩୨
ବାଘ ସବାର ।। ଦେବବ୍ରତ ମଦନରାୟ ।। ୬୪୩
ସେତୁ ।। ସହଦେବ ସାହୁ ।। ୬୫୦
ଠୁକ୍ ଠୁକ୍ ଠୁକ୍ ।। ରଜନୀକାନ୍ତ ମହାନ୍ତି ।। ୬୫୬
ନଟନାଗର ।। ଦେଶବନ୍ଧୁ ସ୍ୱାଇଁ ।। ୬୬୧

କବିତା ।।

ପ୍ରତିଶୋଧ ।। ଭଗବାନ ଜୟସିଂହ ।। ୬୬୭
ଶ୍ରମବୃତ୍ତ ।। ଅଶ୍ୱିନୀ କୁମାର ମିଶ୍ର ।। ୬୬୮
ସନ୍ତାନର ସ୍ତୁତିଗାନ ।। ଆଶୁତୋଷ ପରିଡ଼ା ।। ୬୬୯
ସଖୀ କବିତା ଲେଖିବ ବୋଲି... ।। ଅପର୍ଣ୍ଣା ମହାନ୍ତି ।। ୬୭୦
ଅସ୍ପର୍ଶ ଆଲିଂଗନ ।। ଶରତଚନ୍ଦ୍ର ନାୟକ ।। ୬୭୧
ମା' ।। ଦୀପ୍ତି ଦାସ ।। ୬୭୨
ବସ୍ତାନି ।। ଶ୍ରୀହରି ଧଳ ।। ୬୭୪
କଳାରଙ୍ଗ ।। ମମତାମୟୀ ଚୌଧୁରୀ ।। ୬୭୫
ଲୋଟିପଡୁଥିବା ସମୟ ।। ରଂଜିତା ନାୟକ ।। ୬୭୬

ଗୀତି ।।

ପ୍ରେମିକା ।। ଧନଞ୍ଜୟ ସ୍ୱାଇଁ ।। ୬୭୭
ଅନ୍ତର୍ଯାତ୍ରା ।। ସତ୍ୟ ପଟ୍ଟନାୟକ ।। ୬୭୭
ମୁଁ ଯେ ବନ୍ଧନହୀନ ଆଶା ।। ଶାନ୍ତି ମହାନ୍ତି ।। ୬୭୮
ଭରସା ଭେଟି ।। ଶରତଚନ୍ଦ୍ର ରଥ ।। ୬୭୮
ଅଲିଭାଦାଗ ।। ମନୋଜ ମହାନ୍ତି ।। ୬୭୮

ପ୍ରବନ୍ଧ ଓ ସାହିତ୍ୟ-ସମାଲୋଚନା ।।

ଓଡ଼ିଆ ଭାଷାର ମୌଳିକତା: ଏକ ତାତ୍ତ୍ୱିକ ପରିଶୀଳନ ।। ହରପ୍ରସାଦ ମିଶ୍ର ।। ୬୭୯
ମାର୍କ୍ସବାଦୀ ସମାଲୋଚନା ତତ୍ତ୍ୱ ।। ପଞ୍ଚାନନ ମିଶ୍ର ।। ୬୮୮
କବିତାରେ ପ୍ରାର୍ଥନା ସ୍ୱର ।। ବସନ୍ତ କୁମାର ପଣ୍ଡା ।। ୬୯୩
ସାଂପ୍ରତିକ ଓଡ଼ିଆ କବିତାର ଶୈଳୀ ।। ଗୋପୀନାଥ ବାଗ ।। ୬୯୭
ଗଣେଶପୂଜା ।। ଅରବିନ୍ଦ ପଟ୍ଟନାୟକ ।। ୭୦୨
ମନ୍ଦିରକଳାରେ ନଗ୍ନଚିତ୍ର ।। ଭାଗବତ ତ୍ରିପାଠୀ ।। ୭୦୫

ପ୍ରତିବେଶୀ ସାହିତ୍ୟ ।।

ନୂଆ ହେଡ୍‌ମାଷ୍ଟର ।। ମୂଳବଙ୍ଗଳା: ପ୍ରଚେତ ଗୁପ୍ତ ।। ଭାଷାନ୍ତର- ମୃତ୍ୟୁଞ୍ଜୟ ତ୍ରିପାଠୀ ।। ୭୧୧

ସଂପାଦକୀୟ ।।

ଦୁର୍ଗତିନାଶିନୀ ।। ସରୋଜରଂଜନ ମହାନ୍ତି ।। ୭୧୫

ଲେଖକ ପରିଚିତି ।। ୭୧୭

# ସାଂପ୍ରତିକ ଓଡ଼ିଆ କବିତାର ଶୈଳୀ

**ଗୋପୀନାଥ ବାଗ**

ସାଂପ୍ରତିକ ଓଡ଼ିଆ କବିତାର ଆକାଶ ବହୁ କବି-ନକ୍ଷତ୍ରଙ୍କ ଆବିର୍ଭାବ ଓ ଆଲୋକରେ ଦେଦୀପ୍ୟମାନ। ଅତୀତର ଦୁର୍ବୋଧତାର ଦୁର୍ନାମରୁ ମୁକ୍ତ ଏବର କବିତାର ରହିଛି ନିଜସ୍ୱ ଦ୍ୟୁତି– ଯାହା ଅନ୍ତଃ ଓ ବାହ୍ୟ ସୌନ୍ଦର୍ଯ୍ୟରେ ଝଲମଲ । ଏବର କବି କବିତା ନିର୍ମାଣ କ୍ଷେତ୍ରରେ ବେଶ୍ ସଚେତନ । ପ୍ରାଚୀନ ଶୈଳୀର ଆଶ୍ରୟ ଅପେକ୍ଷା ନୂତନତ୍ୱର ଆରୋପରେ ତା'ର ରୁଚି ଅଧିକ । ପାରମ୍ପରିକ ପ୍ରତୀକ, ଚିତ୍ରକଳ୍ପାଦିକୁ ଏକ ଉଚ୍ଛିଷ୍ଟ ପ୍ରୟୋଗ ବିଚାରକରି ସେସବୁର ପରିହାର ପୂର୍ବକ ନୂତନ ବିମ୍ବାଦି ନିର୍ମାଣରେ ରହିଛି ତା'ର ଅପ୍ରମିତ ଆଗ୍ରହ । କବିତା ଯେମିତି ନିଜ କଥା ନିଜେ କହିବ ସେ ଉପରେ ବିଶ୍ୱାସ ରଖେ ଏବର କବି ।

ଭାବ ଏବଂ ଶୈଳୀର ସଂଯୋଗରେ ସୃଷ୍ଟି ହୋଇଥାଏ କବିତା । ଏ ଦୁଇଟି ମଧ୍ୟରୁ ଗୋଟିଏ ବି ଦୁର୍ବଳ ହେଲେ କବିତାଟି ସୁଗମ-ସୁନ୍ଦର ହୋଇପାରିବ ନାହିଁ । ଏପରିକି ଗୋଟିକରେ ନୂତନତା ଓ ଅନ୍ୟଟିରେ ପୁରାତନତା ରହିଲେ କବିତାଟି ଠିକ୍ ରୂପ ଧାରଣ କରିପାରିବ ନାହିଁ । ଭାବ ଓ ଶୈଳୀ ପରସ୍ପରର ପରିପୂରକ । ଏହି ଦୁଇଟିର ଐକ୍ୟ କବିମାନସରେ ଅନୁଭୂତି ରୂପରେ ରହିଥାଏ । ଅନୁଭୂତିର କଳାତ୍ମକ ପ୍ରକାଶନରେ ସୁନିୟୋଜିତ ଶବ୍ଦାବଳୀରେ ଭାବର ସଂପ୍ରେଷଣ ସକାଶେ ଯେଉଁ ଉପାଦାନଗୁଡ଼ିକୁ ଗ୍ରହଣ କରାଯାଇଥାଏ, ସେସବୁ ଶୈଳୀତତ୍ତ୍ୱର ଅନ୍ତର୍ଭୁକ୍ତ । କବିର ଅନୁଭୂତି ଯେତେ ବେଶି ଅଧୁନାତନ ହେବ, ତା'ର ଅଭିବ୍ୟକ୍ତି ତଦନୁରୂପ ନବୀନ ହେବା ଦିଗରେ ଅଗ୍ରସର ହେବ । ନୂତନ ସମ୍ବେଦନାକୁ ପ୍ରାଚୀନ ଶୈଳୀ ଅଭିବ୍ୟକ୍ତ କରିବା ଦିଗରେ ଅସମର୍ଥ । ତେଣୁ ତ ସାଂପ୍ରତିକ କବି ନୂତନ ଶୈଳୀର ଅନୁରାଗୀ । ବହୁବିଧ ଶୈଳୀ ସାଂପ୍ରତିକ ଓଡ଼ିଆ କବିତାକୁ ଆଣିଦେଇପାରିଛି ଏକ ଅନନ୍ୟ ପରିଚୟ । ଏହି ଆଲୋଚନାରେ ବହୁଦୃଶ୍ୟ ଅଳ୍ପକେତୋଟି ଶୈଳୀ ଉପରେ ଆଲୋକପାତ କରାଯାଉଛି ।

**ଭାଷା:**

ଭାଷା ଭାବର ବାହକ । ଭାବକୁ କେଉଁ ଭାବରେ ବ୍ୟକ୍ତ କରାଯାଇପାରେ ସେହି ବିଚାର ଭାଷାର ଥାଏ ପ୍ରତିଭାବାନ କବି ତାହା ଧରିପାରେ । ଭାଷା ବୋହିଯାଉଥିବା ନଦୀ ପରି । ତେଣୁ ପରିବର୍ତ୍ତନଶୀଳ ହେବା ତା'ର ସ୍ୱାଭାବିକ ପ୍ରକ୍ରିୟା । ପୁଣି ଯୁଗାନୁସାରୀ ହେବା ଭାଷାର ଧର୍ମ । ସାଂପ୍ରତିକ କବିତାରେ ଭାଷାର ଆବେଦନକୁ ଅସ୍ୱୀକାର କରାଯାଇ ନପାରେ । ଏଇ ଭାଷା ସରଳ ଓ ସ୍ୱଚ୍ଛନ୍ଦ ରୂପ ଗ୍ରହଣ କରିଛି । ବକ୍ତବ୍ୟକୁ ଆହୁରି ସ୍ପଷ୍ଟ କରିବା ସକାଶେ ଏବର କବି ନୂତନ ଶବ୍ଦ ନିର୍ମାଣ ପୂର୍ବକ ଜନଭାଷାର ଅଧିକାଧିକ ନିକଟବର୍ତ୍ତୀ ହେବାର ନିରନ୍ତର ଉଦ୍ୟମ କରୁଛି ।

**ଆବେଗାତ୍ମକ ବର୍ଣ୍ଣନାମୂଳକ ଭାଷା:**

ଆବେଗପ୍ରାଣତା କବିର ଭାଷାକୁ ଆବେଗମୟ କରିଦିଏ । ଯେତେବେଳେ ଜାଗତିକ ସୌନ୍ଦର୍ଯ୍ୟ କବିର ହୃଦୟକୁ ଆନ୍ଦୋଳିତ କରିଦିଏ ସେତେବେଳେ ତା'ର ପ୍ରକାଶ ପାଇଁ ସେ ଆବେଗପୂର୍ଣ୍ଣ ଭାଷାର ଆଶ୍ରୟ ନିଏ । ସାଂପ୍ରତିକ କବିତାରେ ଆବେଗାତ୍ମକ ବର୍ଣ୍ଣନାମୂଳକ ଭାଷାର ବ୍ୟବହାର କିଛି କମ୍ ହୋଇନାହିଁ । ଏଠାରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ନଈକୂଳ' କବିତାର ଉଦାହରଣ ଦିଆଯାଇପାରେ–

ଜହ୍ନରାତିରେ ସେ ହସୁଥାଏ କିରିକିରି କରି
ଛୋଟଛୋଟ ଲହଡ଼ି ତୋଳି ।
ଉଦୁଉଦିଆ ଖରାବେଳେ,
ସେ ମୋତେ ଡାକେ ହାତଠାରି

କରିବାକୁ ସ୍ନାନ ତା' ମୁକୁଳା ଛାତିରେ ।

(ନଈକୂଳ /କବିତା ୨୦୦୩/ସଚ୍ଚି ରାଉତରାୟ)

ଏହି ପଙ୍‌କ୍ତିକୁ ଲକ୍ଷ୍ୟକଲେ ଜଣାଯାଏ– ଜହ୍ନରାତି, କିରିକିରି ହସ, ଛୋଟଛୋଟ ଲହଡ଼ି ତୋଳିବା, ଉଦୁଉଦିଆ ଖରାବେଳ, ହାତଠାରି ଡାକିବା, ନଈର ମୁକୁଳା ଛାତିରେ ସ୍ନାନ କରିବା ଆଦି ଆବେଗାତ୍ମକ ଭାବଭିତ୍ତିରେ ବର୍ଣ୍ଣନାତ୍ମକ ଭାଷାର ବିନ୍ୟାସ କବିତାକୁ ସୁନ୍ଦର କରି ଗଢ଼ିତୋଳିଛି ।

**ବୌଦ୍ଧିକ ବିଶ୍ଳେଷଣାତ୍ମକ ଭାଷା:**

ବୌଦ୍ଧିକତା କବିତାକୁ ଏକ ଭିନ୍ନ ଅବବୋଧ ଦେଇଥାଏ । ପାଠକର ମାନସଭୂମିରେ ବୌଦ୍ଧିକ ଅନୁଭବର ବୀଜ ବୁଣିଥାଏ । ସାଂପ୍ରତିକ କବିତାର ବୁଦ୍ଧିଦୀପ୍ତ ଭାବ ପାଠକ ପ୍ରାଣରେ ତରଙ୍ଗ ସୃଷ୍ଟିକରେ । ଜୀବନ ଓ ଜଗତ ପ୍ରତି ଚିନ୍ତାକରିବାକୁ ଆହ୍ୱାନ ଜଣାଏ । ସୀତାକାନ୍ତ ମହାପାତ୍ରଙ୍କ 'ଚିତ୍ରନଦୀ' କବିତାର ଦୃଷ୍ଟାନ୍ତ ଦେଖାଯାଉ–

କାମନାର ଅଂଧାରର ଅସଂଖ୍ୟ ପଟଳ ଯାହା ବସ୍ତୁଙ୍କ ଅନୁପସ୍ଥିତି ?

ଅଥବା ଉଜ୍ଜ୍ୱଳ ଏକ ଆଲୁଅରେ ଜଳୁଥିବା ବସ୍ତୁଙ୍କର ଆଗ୍ନେୟ ଜଙ୍ଗଲ ।

(ଚିତ୍ରନଦୀ/ ସୀତାକାନ୍ତ ମହାପାତ୍ର)

ସଂସାର ଭିତରେ ବଂଚୁଥିବା ମଣିଷର ଅସରନ୍ତି କାମନା ବସ୍ତୁର ସ୍ଥିତିକୁ ବୁଦ୍ଧିଦୀପ୍ତ ଭାବରେ ଏଠି ବିଶ୍ଳେଷଣ କରାଯାଇଛି ।

**ଧ୍ୱନ୍ୟାତ୍ମକ ଶବ୍ଦର ପ୍ରୟୋଗ :**

ସାଧାରଣତଃ ଧ୍ୱନ୍ୟାତ୍ମକ ଶବ୍ଦ ତତ୍ତ୍ୱ ଉଚ୍ଚାରିତ ହୋଇଥାଏ । ଯଥା- ଟୁଂଟାଂ, ଗମ୍‌ଗମ୍, ସର୍‌ସର୍, ଦୁଲ୍‌ଦାଲ୍, କଡ୍‌ମଡ୍, ଟୁକ୍‌ଟୁକ୍, ମହମହ, ଦିକିଦିକି ଇତ୍ୟାଦି । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ସହିତ ଏହି ଧ୍ୱନ୍ୟାତ୍ମକ ଶବ୍ଦର ସଂପୃକ୍ତି ଥିବା ଅନିବାର୍ଯ୍ୟ । 'ଝାଳ ବୋହିବା' ସହିତ 'ଗମଗମ' ଶବ୍ଦର ସମ୍ବନ୍ଧ ରହିଥିବା ବେଳେ ପାଣି କିମ୍ବା ରକ୍ତବୋହିବା ସ୍ଥଳରେ 'ଗମଗମ' ଶବ୍ଦର ବ୍ୟବହାର ହୋଇନଥାଏ । ଧ୍ୱନ୍ୟାତ୍ମକ ଶବ୍ଦର ସୁନ୍ଦର ପ୍ରୟୋଗକୁ ଦେଖିବା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ତୋ ସମ୍ମତି ପରେ' କବିତାରେ–

ତୁ ମୋତେ ତୁହାକୁତୁହା ଆଉଟି ଥାଆନ୍ତୁ / ଡହଡହ ନିଆଁରେ । /

ଉଡ଼ାଇ କଚାଡ଼ିଥାନ୍ତି ତୋର / ଅପ୍ରମିତ ନିଃଶ୍ୱାସର ସୁଉସୁଉ ବତାସରେ /

ବୁଡ଼ାଇ ହାଂଦୋଳିଥାଂତୁ ଅଥଳ ଅଥୟ ଦରିଆରେ, /

ତୁ ଭାଙ୍ଗିଦେଇଥାଂତୁ ମୋର ମୁରାଟ ।

ତୋ ରତ୍ନସିଂହସନ ଆଗେ / ଉଭା କରାଇଥାଂତୁ ମୋତେ

ବିବସନ କାକୁସ୍ଥ ଥରହର ହେମାଥକରି

ଆଉ କହିଥାଂତୁ : ଏ !

ଏ ! ମୁଁ ତତେ ଭଲପାଏ !

(ତୋ ସମ୍ମତି ପରେ / ଅନ୍ୟା/ ୧୯୮୮/ ରାଜେଂଦ୍ରକିଶୋର ପଣ୍ଡା)

**ଶବ୍ଦସ୍ତରୀୟ ବିପଥନ:**

ପ୍ରତ୍ୟାଶ ବା ଏକ୍ସପେକ୍ଟାନ୍ସି ବିଫଳୀକୃତ ହୋଇ ବିପଥନ ସୃଷ୍ଟି କରିଥାଏ । ସାହିତ୍ୟ ସିଦ୍ଧାନ୍ତ ଜନିତ ମାନକର ଉଲ୍ଲଂଘନ ବୋଲି ଏହାକୁ କୁହାଯାଏ । ପୂର୍ବ ପ୍ରଚଳିତ ପ୍ରବିଧିଠାରୁ ଏହା ଓହରିଆସିଥାଏ । ଗିରିଜାକୁମାର ବଳୀୟାରସିଂହଙ୍କ 'ଅୟସ ଆଖିରେ ଅନ୍ଧାର' କବିତାର ଗୋଟିଏ ପଙ୍‌କ୍ତି ଉଦ୍ଧାର ସହ ଶବ୍ଦସ୍ତରୀୟ ବିପଥନ ପ୍ରସଙ୍ଗକୁ ଆହୁରି ସ୍ପଷ୍ଟ କରାଯାଇପାରେ ।

ଗହମ ନିଦର ନଅରରେ ତମେ

ନିଭିଚି କେବେଠୁ

ମୌନ ମହମବତି...

ବିରହର ଏଇ ଭଂଗାଦେଉଳ

ମାଗେନା ଗୋ ଆଉ ମିଳନର ମରାମତି ।

'ମରାମତି' ଏକ ପାରସିକ ଶବ୍ଦ । ସାଧାରଣତଃ ଯନ୍ତ୍ରପାତି ଅଚଳ ହେଲେ ମରାମତି କରାଯାଇଥାଏ । ଘରାଦି କ୍ଷେତ୍ରରେ ମଧ୍ୟ 'ମରାମତି' ଶବ୍ଦକୁ ଅଣାଯାଇପାରେ । ଏହି ପଙ୍‌କ୍ତିରେ ବିରହକୁ ଭଂଗାଦେଉଳ ଏବଂ ମିଳନକୁ ମରାମତି ସହିତ ଯୋଡ଼ାଯାଇଛି । ମିଳନ ଭଳି ଏକ ପ୍ରେମପ୍ରଣୟ ଭାବାତ୍ମକ ବ୍ୟାପାରରେ ଦେଖାଦେଇଥିବା ବିରହର ଜୀର୍ଣ୍ଣସଂସ୍କାର କରାଯିବା କମ୍ ଶବ୍ଦଶୈଳୀୟ ଉତ୍କର୍ଷ ସାଧନର କଥା ନୁହେଁ ।

**ପାରସ୍ପରିକ ବିରୋଧାଭାସର ଉଲ୍ଲଂଘନ :**

ପାରସ୍ପରିକ ବିରୋଧାଭାସକୁ ଦ୍ୱିସଂଖ୍ୟକ ବା ଦ୍ୱିଅଂଶକ ବିରୋଧାଭାସ ବୋଲି ମଧ୍ୟ କୁହାଯାଇଥାଏ । ଇଂରାଜିରେ ଯାହା ବାଇନାରି ଅପୋଜିସନ୍ । ଏଭଳି ପ୍ରୟୋଗ କ୍ଷେତ୍ରରେ ଗୋଟିଏ ଶବ୍ଦର ଅର୍ଥ ବୁଝିବାକୁ ଯାଇ ତା'ର ବିପରୀତବୋଧକ ଶବ୍ଦର ଅବତାରଣା କରାଯାଇଥାଏ । 'ଆଲୋକ'କୁ ବୁଝିବାକୁ ଯାଇ 'ଅନ୍ଧାର' ଅଥବା 'ସୁଖ'କୁ ବୁଝିବା ସ୍ଥଳରେ 'ଦୁଃଖ'କୁ ଜାଣିବା

ହେଉଛି ଏହିଭଳି ପ୍ରୟୋଗର ଉଦ୍ଦେଶ୍ୟ । ସ୍ଥାନ ଓ କାଳାନୁସାରେ ପାରସ୍ପରିକ ବିରୋଧାଭାସର ଉଲ୍ଲଂଘନ ଘଟି ବକ୍ତବ୍ୟକୁ ବେଶ୍ ତୀର୍ଯ୍ୟକ କରିଦେଇଥାଏ । ବ୍ରହ୍ମାନନ୍ଦ ଦାସଙ୍କ 'ଚିହ୍ନା ଅଚିହ୍ନା' କବିତାର ଉଦାହରଣ–

ମା' ତାଙ୍କ ଝିଅକୁ ଶିଖାଇଥିଲେ–
କଥା କହିବୁ ନାହିଁ ଅଚିହ୍ନା ଲୋକ ସହିତ,
କିଛି ବି ନେବୁ ନାହିଁ / ଅଚିହ୍ନା ଲୋକ ହାତରୁ
ଡାକିଲେ ଯିବୁନାହିଁ / ଅଚିହ୍ନା ଲୋକ ଗାଡ଼ିରେ,
ଧର୍ଷିତା ସେଇ ଝିଅ / ଅତୀବ ଯନ୍ତ୍ରଣାରେ /
ମୃତ୍ୟୁ ପୂର୍ବରୁ କହୁଥିଲା
ତୋ କଥା ମାନିଥିଲି ମା' / ମୋତେ କିନ୍ତୁ ଏଭଳି କରିଛନ୍ତି
କେବଳ ଚିହ୍ନାଲୋକମାନେ ।

ଏଥିରେ ଦୁଇପ୍ରକାର ଲୋକଙ୍କ କଥା କୁହାଯାଇଛି– ଅଚିହ୍ନାଲୋକ ଓ ଚିହ୍ନାଲୋକ । ପ୍ରଥମ ପର୍ଯ୍ୟାୟରେ ଅଚିହ୍ନାଲୋକ ପ୍ରତି 'ଅବିଶ୍ୱାସ' ଓ 'ସଂଶୟ' ରହିଛି । ଯାହା ଚିହ୍ନାଲୋକ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ସୂଚାଉଛି । ଅଥଚ ପରିଣତିରେ ଚିହ୍ନାଲୋକର ଦୁଷ୍କର୍ମ ଯୋଗୁଁ ଅବିଶ୍ୱାସ ଓ ଘୃଣା ଜନ୍ମୁଛି । ସମୟାନୁସାରେ ବିରୋଧାତ୍ମକ ବକ୍ତବ୍ୟରେ ପାରସ୍ପରିକ ବିରୋଧାଭାସ ଉଲ୍ଲଂଘିତ ହେଉଛି ।

**ବାକ୍‌ରୀତି:**

ଗଦ୍ୟର ପ୍ରୟୋଗକୁଶଳତା ସାଂପ୍ରତିକ କବିତାର ଏକ ଅନୁପମଶୈଳୀ । ଏହା କବିତାକୁ ବେଶ୍ ମାର୍ମିକ ଓ ନାଟକୀୟ କରି ଗଢ଼ିବା ସହିତ ପ୍ରଭାବଶାଳୀ କରିଥାଏ, ଯାହା ପାଠକର ମନ ଓ ମଗଜକୁ ଗୋଟାପଣେ ଆନ୍ଦୋଳିତ କରେ । କଥ୍ୟରୀତିର କାରିଗ୍ର ଭାବରେ ସୌଭାଗ୍ୟ କୁମାର ମିଶ୍ର ବେଶ୍ ଚର୍ଚ୍ଚିତ । ବାକ୍‌ରୀତି ପ୍ରୟୋଗ ହୋଇଥିବା ତାଙ୍କ କବିତାଗୁଡ଼ିକ ସୂଚନାଧର୍ମୀ ଓ ସୁସ୍ପଷ୍ଟ । 'ହୃଦୟେଶ୍ୱରୀ' କବିତାକୁ ଦୃଷ୍ଟାନ୍ତ ଭାବରେ ନିଆଯାଇପାରେ–

ତୋ ପାଇଁ ହୃଦୟେଶ୍ୱରୀ, ପାନ ରଖିଚି, ଗୁଆ ରଖିଚି,
ଘୋଡ଼ା ରଖିଚି, ଗାଡ଼ି ରଖିଚି, ମୟୂର ପଂଖୀ ଶାଢ଼ି ରଖିଚି,
ଭୋକ ରଖିଚି, ପାସ୍‌ବୁକ୍ ଓ ଫୁଲ ରଖିଛି, ଆ' ତୁ
ଆସି ଦେଖିନେ, ତୋ ପାଇଁ ପାନ ରଖିଚି, ଗୁଆ ରଖିଚି...
ଆକାଶର ନୀଳଘୋଡ଼ାରେ ଚଢ଼ି ଯେ ମଧାହ୍ନଟି ଆସିଚି,
ହୃଦୟେଶ୍ୱରୀ,
ସେ ମୋର ପାପ ପ୍ରସିଦ୍ଧ ଦେହ, କାରୁଣିକ ଗେରୁଆ
ସୂର୍ଯ୍ୟର ତା' ଅନୁକମ୍ପା

**ଦୀର୍ଘକବିତା:**

ଦୀର୍ଘକବିତା ଲେଖିବା ସାଂପ୍ରତିକ ଓଡ଼ିଆ କବିର ଅନ୍ୟ ଏକ ଶୈଳୀ । ସାଧାରଣ କବିତାର ପ୍ରକାଶଭଂଗୀ, ବିଷୟବସ୍ତୁ ତଥା କାବ୍ୟଭାଷାଠାରୁ ଦୀର୍ଘକବିତା ନିଶ୍ଚିତ ଭାବରେ ପୃଥକ୍ । ଦୀର୍ଘକବିତାରେ ସ୍ୱଚ୍ଛନ୍ଦତା ତଥା ଧାରାବାହିକତା ରକ୍ଷାକରିବା ବଡ଼କଥା । 'ଶ୍ରୀରାଧା' ରମାକାନ୍ତ ରଥ, 'ବୋଧିନଭ' ରାଜେନ୍ଦ୍ର କିଶୋର ପଣ୍ଡା, 'ନୀଳମାଧବ' ଦିଲୀପ ଦାସ, 'ଶବରୀ' ପ୍ରତିଭା ଶତପଥୀ, 'କାହ୍ନୁ' ସୁରେଶ ପରିଡ଼ା, 'ପୂତନା' ସେନାପତି ପ୍ରଦ୍ୟୁମ୍ନକେଶରୀ ଆଦି ପୁସ୍ତକର କାବ୍ୟିକ ଆବେଦନ ଯଥେଷ୍ଟ ରହିଛି ।

**କ୍ଷୁଦ୍ରକବିତା:**

'ହାଇକୁ' ଭଳି କ୍ଷୁଦ୍ର କବିତା ପ୍ରାୟତ ବହୁ ସାଂପ୍ରତିକ ଓଡ଼ିଆ କବି ଊଣାଅଧିକ ଲେଖିଛନ୍ତି । ସାଧାରଣ କବିତାର କଥାକୁ କମ୍ ଶବ୍ଦ ଭିତରେ ତୋଳିଧରିବା ଏଭଳି କବିତାର ଗୁଣ । କେହିକେହି ଏହାକୁ ମିନିକବିତା ବା ଅଣୁକବିତା ବି କହିଥାନ୍ତି । ହରପ୍ରସାଦ ଦାସଙ୍କ ଲିଖିତ ଏହି ଧରଣର କବିତା ଦୁଇଟି ହେଉଛି–

**ସଂଶୟ**

ଜଣେ ଆରଜଣକୁ ଖୋଜିପାଇବାର
ଅସଂଖ୍ୟ ସୁଯୋଗ ଥାଏ ସଂଶୟରେ
ତାକୁ ନଷ୍ଟ କରିଦିଅନା ବିଶ୍ୱାସରେ ।
(ହାର୍ମୋନିଅମ୍‌ରେ ତୋଡ଼ି)

**କବି**

ସାରାଦୁନିଆ ପଥର ହେଲାବେଳେ
ପଥର ନ ହୋଇ ରହିବ ଏକା କବି,
ମଣିଷ ଛଡ଼ା ଯାହା ବି ହେବାକୁ ଚାହିଁବ ମଣିଷ
ସେଥିପାଇଁ ଲୋଡ଼ାହେବ ସମ୍ପ୍ରତି ଜଣେ କବିର ।
(ହାର୍ମୋନିଅମ୍‌ରେ ତୋଡ଼ି)

**ଲୋକଉପାଦାନର ପ୍ରୟୋଗ :**

ସାଂପ୍ରତିକ ଓଡ଼ିଆ କବିତାରେ ଲୋକଉପାଦାନର ଯଥାର୍ଥ ପ୍ରୟୋଗ ହୋଇ କବିତାର ଅଭିବ୍ୟକ୍ତିକୁ ସୁନ୍ଦର କରିବା ସହିତ ଆତ୍ମିକ ଦିଗନ୍ତକୁ ବ୍ୟାପ୍ତ ଓ ସମୃଦ୍ଧ କରିପାରିଛି । କେତୋଟି ଉଦାହରଣ ହେଉଛି–

ସଂସାରଟା ଛଟାଗଲା /

ମିଛ ବାଘ, ମିଛ ଗାଈ, ମିଛରେ ଚିତ୍କାର

ସଂସାରଟା କୁତୁରୁକାଳିଆ /

ବୁକ୍‌ବୁକ୍ ଠୋ ଠୋ ସୁଖ କ୍ଷଣକର

ମୋତେ ପଛେ ବାଘ ଖାଉ /

ସତ୍ୟ ରକ୍ଷା ହେଉ ।

(ମିଛୁଆ ଗାଈଆଳ ଟୋକା ମଲା ପୂର୍ବରୁ ଗାଇଥିବା ଗୀତ / ଶୈଳଜ ରବି)

ଉକ୍ତ କବିତାରେ ମିଛୁଆ ଗାଈଆଳ ଟୋକା (ରାଧୁଆ) କାହାଣୀକୁ ଉପଜୀବ୍ୟ କରି ବକ୍ତବ୍ୟ ଭିତରେ ଜୀବନ ଓ ଜଗତ ସଂପର୍କିତ ଉପଲବ୍ଧି ଓ ଦର୍ଶନ ଫୁଟିଉଠିଛି ।

'ଝିଅ ପାଇଁ ଗୋଟିଏ କବିତା'ରେ କବି ରାଜେନ୍ଦ୍ର କିଶୋର ପଣ୍ଡା ବୁଢ଼ୀ ଅସୁରୁଣୀର ଅବତାରଣା କରି ସାମାଜିକ ବାସ୍ତବତା ପ୍ରତି ସଚେତନ କରିବା ସହିତ ସାଂସାରିକ ଜୀବନର ପ୍ରେକ୍ଷାପଟରେ ଦମ୍ଭ ଓ ଆଶ୍ୱାସନା ପ୍ରଦାନ କରନ୍ତି–

କାହାଣୀର ବୁଢ଼ୀ ଅସୁରୁଣୀ / ଗୋଟିଏ ଗୋଡ଼କୁ ତା'ର

ଚୁଲିରେ ପୂରାଇ ଜାଳି / ଆରଟି ସେକିଲା ପରି

ତୁ ବଞ୍ଚିବୁ ।

(ଝିଅ ପାଇଁ ଗୋଟିଏ କବିତା / ରାଜେନ୍ଦ୍ର କିଶୋର ପଣ୍ଡା)

ଲୋକକାହାଣୀକୁ କଥକ ଶୁଣାଇବା ଢଙ୍ଗରେ ରମାକାନ୍ତ ରଥଙ୍କ 'ସମ୍ବନ୍ଧ' କବିତାଟିରେ ଶୈଳୀ ରହିଛି–

ଦିନେ କ'ଣ ହେଲା ନା / ଓଦାବାଳ ଓଦା ରହିଗଲା

ସେ ଏତେ ଓଜନ ହେଲା ବେକ ଲଇଁଗଲା

ବେକ ଲଇଗଲାବେଳେ ଚୋଟମରା ହେଲା

ଦିନେ କ'ଣ ହେଲା ନା ଶୁଖିବା ଆଗରୁ ଲୁହ ବୋହିଗଲା

**ମିଥ୍ ବା ପୁରାଣକଳ୍ପର ପ୍ରୟୋଗ:**

ପରମ୍ପରା ଓ ସଂସ୍କୃତିକୁ ମାନ୍ୟତା ଦେବା, ବ୍ୟକ୍ତିସତ୍ତାର ପ୍ରବୃତ୍ତିର ଚିରାୟତ ସ୍ୱରୂପକୁ ଉନ୍ମୋଚନ କରିବା, ସାଂପ୍ରତିକ ସମୟକୁ ଆଲୋକିତ କରିବା ହେଉଛି ମିଥ୍ ଆଧାରିତ କବିତାର ଆଭିମୁଖ୍ୟ । ଶ୍ରୀରାଧା, ଶବରୀ, ଯଯାତି, କାହ୍ନୁ, ପୂତନା, ବସୁଷେଣ, ଶକୁନ୍ତଳା ଆଦି କାବ୍ୟଗ୍ରନ୍ଥ ମିଥ୍ ଭିତ୍ତିକ । ପ୍ରେମର ଅପ୍ରାପ୍ତିକୁ ଅର୍ଥମୟକରି ଜୀବନ ବଞ୍ଚିବାର ସୂତ୍ର 'ଶ୍ରୀରାଧା' ଦେଉଥିବା ବେଳେ 'ଶବରୀ'ରେ ଶବରୀ ଆଉ ମୁକ୍ତି ଓ ଉତ୍ତରଣକାରୀ ଚରିତ୍ର ହୋଇ ରହିନାହିଁ, ବରଂ ପୃଥିବୀ ପାଇଁ କରୁଣା ଓ ସହୃଦୟତା କାମନା କରୁଛି । ପୁରାଣ ବର୍ଣ୍ଣିତ ଏସବୁ ଚରିତ୍ରର ପୁନର୍ମୂଲ୍ୟାୟନ ଘଟିଛି । 'ପୂତନା' ଆଉ ରାକ୍ଷସୀ ହୋଇ ରହିନାହିଁ । ପ୍ରେମପ୍ରବଣା ତଥା ମମତାମୟୀ ନାରୀ ପାଲଟିଛି । କବି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ ଭାଷାରେ–

ଦେଖଦେଖ ସୀମନ୍ତିନୀମାନେ !

ମୁଁ କେମିତି ମାଆ ହେଲି / ଶୃଙ୍ଗାର ଓ ସଙ୍ଗମ ନଥାଇ

ବିନା ଶଂଖା, ବିନା ସିନ୍ଦୂରରେ ।

**ପ୍ରତୀକର ପ୍ରୟୋଗ :**

କବିତାରେ ପ୍ରତୀକର ପ୍ରୟୋଗ ଅତ୍ୟନ୍ତ ପ୍ରଭାବଶାଳୀ ଓ ବ୍ୟାପକ । ପ୍ରତୀକ ଜଡ଼, ଚେତନ ନିର୍ବିଶେଷରେ ବସ୍ତୁର ପ୍ରତିନିଧିତ୍ୱ କରେ ବା କୌଣସି ବସ୍ତୁ ପାଇଁ ପ୍ରଯୁଜ୍ୟ ହୋଇଥାଏ । ବ୍ୟଞ୍ଜନା ମଧ ଦେଇ ପ୍ରତୀକ ପ୍ରକାଶ ଲାଭକରେ । ପ୍ରତୀକ ପ୍ରୟୋଗରେ ସାଂପ୍ରତିକ କବିତାର ସାଫଲ୍ୟ ଖୁବ୍ ବେଶି । ସୀତାକାନ୍ତ ମହାପାତ୍ରଙ୍କ 'କୌଣସି ଏକ ସହର ବିଷୟରେ' କବସିତାରେ ସହରୀ ସଭ୍ୟତାରେ ଥିବା ମଣିଷର ସ୍ଥିତି, ଅନେକ ରୁଗ୍ଣ ମାନସିକତା, ସଂଘର୍ଷ, ଯନ୍ତ୍ରଣା, ଶୂନ୍ୟତା ଆଦିକୁ ଉର୍ଣ୍ଣନାଭ ଜାଲର ପ୍ରତୀକ ଦ୍ୱାରା ବର୍ଣ୍ଣନା କରିଛନ୍ତି–

କିନ୍ତୁ ଏ ସହର ଜାଣ ତମ ଆମ ସଭିଙ୍କ ସହର

ଆମ ସ୍ଥିତି ଚାରିପଟେ ଏ ବୁଣିଛି ସୂକ୍ଷ୍ମତାର ଉର୍ଣ୍ଣନାଭ ଜାଲ ।

**ଚିତ୍ରକଳ୍ପର ପ୍ରୟୋଗ :**

ଚିତ୍ରକଳ୍ପ ଗୋଟିଏ ଶବ୍ଦ-ଚିତ୍ର, ଏଥିରେ ଖୁନ୍ଦିହୋଇ ରହିଥାଏ ଭାବାବେଗ । ସାଂପ୍ରତିକ ଓଡ଼ିଆ କବିତା ଚିତ୍ରକଳ୍ପର ସୁଯୋଜନାରେ ଋଦ୍ଧିମନ୍ତ ହୋଇଛି । 'ଧାନ ସାଉଁଣ୍ଟା ଝିଅ' କବିତାରେ ହୃଷୀକେଶ ମଲ୍ଲିକ ଯେଉଁ ଚିତ୍ରକଳ୍ପର ପ୍ରୟୋଗ କରିଛନତି, ତାହାର ଆବେଦନ ଓ ଔଜଲ୍ୟ ପାଠକକୁ ଅଭିଭୂତ କରିଦିଏ ।

ସରୁ ଧାନଗଛର କପାଳରେ

ଥୋପି ପଡ଼ିଥିବା ବୁନ୍ଦାଏ କାକର ଅଧାଘେରା, ଓଦା ଖଣ୍ଡିଏ ଚନ୍ଦନକାଠ

ନୂଆଉ ।

**ସମ୍ବୋଧନ ପ୍ରବଣତା :**

ସାଂପ୍ରତିକ ଓଡ଼ିଆ କବିତାରେ ତୁ, ତୁମେ, ଆପଣ, ସେ, ଗୋ, ହେ, ଶୁଣ, ଦେଖ, ରୁହ, କହ, ଆଦିର ପ୍ରୟୋଗ ହୋଇ ସମ୍ବୋଧନ ପ୍ରବଣତାକୁ ସମୃଦ୍ଧ କରିଛି । ଏଭଳି ସମ୍ବୋଧନାତ୍ମକ

ଭାଷା ବେଶ୍ ପ୍ରଭାବଶାଳୀ କବି ସୌଭାଗ୍ୟବନ୍ତ ମହାରଣାଙ୍କ 'ସଦାନନ୍ଦର ପୃଥିବୀ'କୁ ଦେଖାଯାଉ ଏହି ପ୍ରସଙ୍ଗରେ–

ତୁ ତ ଫୁଟ୍‌ପାଥ୍‌ର ଭୋକିଲା ଈଶ୍ୱର
ଖୁଦଭଜାରେ ସ୍ୱପ୍ନ କିଣିନେଉ ରାତି ଅଧରେ
ଯେତେବେଳେ ଜହ୍ନ ହଜିଯାଏ
ଦୁଃଖର କଳାହାଣ୍ଡିଆ ମେଘ ସନ୍ଧିରେ ।
କେଜାଣି କିଏ ତୋ'ର ବାପା, ମା' ସଦାନନ୍ଦ
ଯେଉଁମାନେ ତୋତେ ଛାଡ଼ିଦେଲେ
ରକ୍ତମାଂସର ଅରାଜକତାର ଫାଶରୁ ମୁକୁଳି
ଅଭାବର ଚକ୍ରବ୍ୟୂହରେ
ଏକାଏକା ଅଭିମନ୍ୟୁ ସାଜିବାକୁ
ଭୋକଶୋଷ ଦାରିଦ୍ର୍ୟର ମହାଭାରତୀୟ ଯୁଦ୍ଧରେ ?

**ନାଟକୀୟ ପ୍ରକାଶଭଙ୍ଗୀ :**

ସାଂପ୍ରତିକ ବିତାରୁ ପ୍ରକାଶଭଙ୍ଗୀ ନାଟକୀୟ ହୋଇ ବକ୍ତବ୍ୟକୁ ଅର୍ଥାବହ ଓ ସୁବିନ୍ୟସ୍ତ କରିପାରିଛି । ଗୋପାଳକୃଷ୍ଣ ରଥଙ୍କ 'ତମ୍ଭ ଅନ୍ୟତ' କବିତାର ଉଦାହରଣ ଦିଆଯାଇପାରେ–

ସୂର୍ଯ୍ୟୋଦୟ ହେଉ
ହେଲା
ସଂଗ୍ରାମ ହେଉ
ହେଲା
ବିଜୟ ହେଉ
ହେଲା
ତମ୍ଭ କାହିଁ ?
ତମ୍ଭ ଅନ୍ୟତ୍ର ।

**ଆଞ୍ଚଳିକ ଶବ୍ଦର ପ୍ରୟୋଗ :**

ବିଷୟବସ୍ତୁର ଆବେଦନକୁ ବିଚାରକରି ସାଂପ୍ରତିକ କବିତାରେ ଆଞ୍ଚଳିକ ଶବ୍ଦର ବ୍ୟବହାର କରୁଛି, ଯାହା ଫଳରେ କବିତାଟି ସ୍ପଷ୍ଟ, ସୁନ୍ଦର ହୋଇପାରିଛି । ବାସୁଦେବ ସୁନାନୀଙ୍କ 'କରଡିହାଟ' କବିତାରେ ପଶ୍ଚିମାଞ୍ଚଳର ଭାଷାର ପ୍ରୟୋଗ ଘଟି କିପରି କବିତାକୁ ପ୍ରାଣବନ୍ତ କରିଛି, ଦେଖାଯାଉ–

ଦି' ଟଙ୍କାରେ
ଉଛୁଳିଗଲାଣି ଦନା
ତଥାପି ମନମାନୁନି ତୁମର ।
ମାଏଁକି ଗୋ !

**ବିସ୍ମୟସୂଚକ ପ୍ରଶ୍ନବାଚୀର ପ୍ରୟୋଗ :**

ସାଂପ୍ରତିକ ଓଡ଼ିଆ କବିତା ପ୍ରଶ୍ନବାଚକ ଏବଂ ବିସ୍ମୟସୂଚକର ପ୍ରୟୋଗରେ ଆହୁରି ପ୍ରାସଙ୍ଗିକ ହୋଇଥାଏ । ଭାରତ ମାଝୀଙ୍କ 'ନିରୁଦ୍ଦିଷ୍ଟ' କବିତାର ଉଦାହରଣ–

କେଉଁଠି ସେ ମୁହଁ ?
ଗୋଲଗାଲ, ଲମ୍ବା, ଚାରିକୋଣିଆ
କେଉଁଠି ସେ ମୁହଁ ?
ଅସ୍ପଷ୍ଟ, ନିରୁଦ୍ଦିଷ୍ଟ !

ସାଂପ୍ରତିକ ଓଡ଼ିଆ କବିତା ଆଜି ଏତେ ଚର୍ଚ୍ଚିତ ହେବା ପଛରେ ରଚନାଶୈଳୀର ପ୍ରମୁଖ ଭୂମିକା ରହିଛି । ଏହି ଶୈଳୀ ଯେମିତି ପାଠକ ପ୍ରାଣକୁ ଛୁଇଁବାର ଆକର୍ଷ ରଖିଛି ତଦନୁରୂପ ଜୀବନ ଓ ଜଗତର ବନ୍ଦନା କରିବାରେ ଭରପୂର ସହାୟତା କରୁଛି ।

